# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**18th November - 2024**

**News Editor : *Itishree Singh Rathuar***

*********************************

## ମୁଖ୍ୟ ସମ୍ବାଦ

- ସିଙ୍ଗାପୁରର ବରିଷ୍ଠ ଅଧିକାରୀଙ୍କ ସହ ଓଡ଼ିଶାର ପେଟ୍ରୋ-ରସାୟନ ଭିତ୍ତିଭୂମି ଓ ପରିବହନ କ୍ଷେତ୍ରର ବିକାଶ ନେଇ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ ।

- ଦେଶର ବିକାଶ ପ୍ରକ୍ରିୟାରେ ଶ୍ରମିକମାନଙ୍କର ଅତୁଳନୀୟ ଅବଦାନ ରହିଛି; କହିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

— ସମ୍ବଲପୁରରେ ନିର୍ମାଣ ଶ୍ରମିକମାନଙ୍କୁ ପ୍ରଦାନ କଲେ ସହାୟତା ।

- ପୂର୍ବତନ ମନ୍ତ୍ରୀ ତଥା ବି.ଜେ.ପି.ର ବରିଷ୍ଠ ନେତା ସମୀର ଦେଙ୍କ ପରଲୋକ; ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଆଜି ହେବ ଶେଷକୃତ୍ୟ ।

ଏବଂ

- ମାଟ୍ରିକ୍ ପରୀକ୍ଷା ପାଇଁ ଆବେଦନ ଅବଧି ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି ।

# ମୁଖ୍ୟମନ୍ତ୍ରୀ - ସିଙ୍ଗାପୁର ଗସ୍ତ

ସିଙ୍ଗାପୁର ଗସ୍ତର ଦ୍ୱିତୀୟ ଦିନରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସିଙ୍ଗାପୁରର ସରକାରୀ ଅଧିକାରୀଙ୍କ ସହ ସାକ୍ଷାତ୍ କରିବା ସହ ପେଟ୍ରୋ-ରସାୟନ ଓ ରସାୟନ ଭିତ୍ତିଭୂମି, ପରିବହନ ଆଦି କ୍ଷେତ୍ରରେ ନିବେଶ ପାଇଁ ପୁଞ୍ଜିପତିଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି । ମୁଖ୍ୟମନ୍ତ୍ରୀ ସିଙ୍ଗାପୁରର ଉପପ୍ରଧାନମନ୍ତ୍ରୀ ଏବଂ ବାଣିଜ୍ୟ ମନ୍ତ୍ରୀ ଗାନ୍ କିମ୍ ୟୋଙ୍ଗ୍’ଙ୍କ ସହ ସାକ୍ଷାତ୍ କରିଛନ୍ତି । ମୁଖ୍ୟମନ୍ତ୍ରୀ ତାଙ୍କୁ ଉତ୍କର୍ଷ ଓଡ଼ିଶା, ମେକ୍ଇନ୍ ଓଡ଼ିଶା-୨୦୨୫ ସମ୍ମିଳନୀରେ ଭାଗ ନେବାପାଇଁ ନିମନ୍ତ୍ରଣ କରିଛନ୍ତି । ସାକ୍ଷାତ୍ ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ୟୋଙ୍ଗ’ଙ୍କୁ ଓଡ଼ିଶାର ସମୃଦ୍ଧ ନୌବାଣିଜ୍ୟ ପରମ୍ପରା ସମ୍ପର୍କରେ ଅବଗତ କରାଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶା ପ୍ରତିନିଧି ଦଳ ସିଙ୍ଗାପୁରର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ବରିଷ୍ଠ ମନ୍ତ୍ରୀ ସିମ୍ ଏନ୍’ଙ୍କ ସହ ସାକ୍ଷାତ୍ କରି ଓଡ଼ିଶା ଓ ସିଙ୍ଗାପୁର ମଧ୍ୟରେ ସହରାଞ୍ଚଳ ପରିବହନ ବ୍ୟବସ୍ଥା, ସବୁଜ କରିଡର୍, ରସାୟନ ଏବଂ ପେଟ୍ରୋ-ରସାୟନ କମ୍ପ୍ଲେକ୍ସ ସମ୍ପର୍କରେ ଆଲୋଚନା କରିଛନ୍ତି । ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ରାଜ୍ୟରେ ପୁଞ୍ଜିନିବେଶପାଇଁ ଶିଳ୍ପପତିମାନଙ୍କ ସାକ୍ଷାତ୍ ଆଲୋଚନା କରିବେ ବୋଲି ଜଣାପଡ଼ିଛି । ଏହାସହ ସିଙ୍ଗାପୁରରେ ଥିବା ପ୍ରବାସୀ ଓଡ଼ିଆଙ୍କ ସହ ସାକ୍ଷାତ୍ କରିବାର କାର୍ଯ୍ୟକ୍ରମ ରହିଛି ।

*Sambalpur/R*

# ଧର୍ମେନ୍ଦ୍ର ପ୍ରଧାନ

ବିକାଶ ପ୍ରକ୍ରିୟାରେ ଶ୍ରମିକମାନଙ୍କର ଅତୁଳନୀୟ ଅବଦାନ ରହିଛି । କେନ୍ଦ୍ର ସରକାର ଶ୍ରମିକଙ୍କ ସୁରକ୍ଷା ଓ କଲ୍ୟାଣପାଇଁ ବହୁବିଧ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ସମ୍ବଲପୁରରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଅଧୀନରେ ହିତାଧିକାରୀମାନଙ୍କୁ ସହାୟତା ବିତରଣ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସରକାରୀ ସହାୟତା ପାଇବାପାଇଁ ନିର୍ମାଣ ଶ୍ରମିକମାନଙ୍କୁ ପଞ୍ଜୀକରଣ କରାଇବା ପାଇଁ ପରାମର୍ଶ ଦେଇଛନ୍ତି । କାର୍ଯ୍ୟକ୍ରମରେ ଶ୍ରମିକ ହିତାଧିକାରୀମାନଙ୍କୁ ଶିକ୍ଷାବୃତ୍ତି, ବିବାହ, ପ୍ରସୂତୀକାଳୀନ, ସ୍ୱାଭାବିକ ତଥା ଦୁର୍ଘଟଣାଜନିତ ମୃତ୍ୟୁ ଓ ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ବାବଦକୁ ଏକ କୋଟି ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି । ସେହିଭଳି ୨୦୦ ଜଣ ଯୋଗ୍ୟ ନିର୍ମାଣ ଶ୍ରମିକଙ୍କୁ ବି.ଓ.ସି. ପରିଚୟ ପତ୍ର ବିତରଣ କରାଯାଇଛି ।

*Desk*

# ରତ୍ନଭଣ୍ଡାର – ଗଣତି ମଣତି

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଅଳଙ୍କାର ଗଣତି ମଣତି କାର୍ଯ୍ୟ ଆସନ୍ତା ଜାନୁୟାରୀ ଶେଷ ସୁଦ୍ଧା ସମ୍ପନ୍ନ କରାଯିବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ

ହରିଚନ୍ଦନ କହିଛନ୍ତି। ଏହି ସମୟସୀମା ସୁଦ୍ଧା ରତ୍ନଭଣ୍ଡାରର ଆବଶ୍ୟକ ମରାମତି କାର୍ଯ୍ୟ ମଧ୍ୟ ଶେଷ ହେବ। କାର୍ତ୍ତିକ ମାସରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦୃଷ୍ଟିରୁ ଗଣତି ମଣତି ହୋଇପାରି ନ ଥିଲା। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ କରିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

***Angul/R***

# ଜଙ୍ଗଲ ସମୀକ୍ଷା ବୈଠକ

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଆଜି ଅନୁଗୁଳ ଗସ୍ତରେ ଯାଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ବୈଠକରେ ହାତୀ–ମଣିଷ ବିବାଦ ରୋକିବା ଦିଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପକୁ ସଠିକ୍ ଢଙ୍ଗରେ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଜନଜାତି ଲୋକଙ୍କ ଆର୍ଥିକ ବିକାଶ ନିମନ୍ତେ ଲଘୁ ଜଙ୍ଗଲଜାତ ଦ୍ରବ୍ୟ ମେଳା ଆୟୋଜନ ପାଇଁ ମନ୍ତ୍ରୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଜଙ୍ଗଲର ସୁରକ୍ଷାପାଇଁ ଖାଲିଥିବା ଜଙ୍ଗଲ ଜମିରେ ଚାରାରୋପଣ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବା ଲାଗି ଶ୍ରୀ ଖୁଣ୍ଟିଆ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

*Kendrapara/R*

# ଧାନସଂଗ୍ରହ - ସମୀକ୍ଷା ବୈଠକ

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦିନିକିଆ କେନ୍ଦ୍ରାପଡ଼ା ଗସ୍ତରେ ଯାଇ ବିଭିନ୍ନ ବିଭାଗର ସମୀକ୍ଷା କରିଛନ୍ତି । ଜିଲ୍ଲାରେ ଧାନ ସଂଗ୍ରହ ନେଇ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରି ମନ୍ତ୍ରୀ ଶ୍ରୀ ପାତ୍ର ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଧାନ କୁଇଣ୍ଟାଲ ପିଛା ୩ ହଜାର ଶହେ ଟଙ୍କାରେ କିଣାଯିବ ଓ ୫ଟି ମଣ୍ଡି ତଦାରଖ ପାଇଁ ଜଣେ ସୁପରଭାଇଜର୍ ନିଯୁକ୍ତି ହୋଇଥିବା କହିଛନ୍ତି ।

*Cuttack/R*

# ସମୀର ଦେ - ପରଲୋକ

ପୂର୍ବତନ ମନ୍ତ୍ରୀ ତଥା ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ସମୀର ଦେଙ୍କର ଆଜି ସତଷଠି ବର୍ଷ ବୟସରେ ପରଲୋକ ଘଟିଛି । ଏକ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । ଶ୍ରୀ ଦେଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ବିୟୋଗରେ ଅତ୍ୟନ୍ତ ମର୍ମାହତ ବୋଲି ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି । ଓଡ଼ିଶାର ବିକାଶ କ୍ଷେତ୍ରରେ ଶ୍ରୀ ଦେଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା ବୋଲି ରାଷ୍ଟ୍ରପତି କହିଛନ୍ତି ।

ରାଜ୍ୟପାଳ ରଘୁବର ଦାସ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ବ୍ୟକ୍ତ କରିବା ସହ ଶ୍ରୀ ଦେଙ୍କର ଅସାଧାରଣ ଯୋଗଦାନ ପାଇଁ ସେ ସର୍ବଦା ସ୍ମରଣୀୟ ରହିବେ ବୋଲି କହିଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ଶ୍ରୀ ଦେ ଜଣେ ଲୋକପ୍ରିୟ ଜନନେତା ଓ ଦୃଢ଼ ସଙ୍ଗଠକ ଥିଲେ । ଉଚ୍ଚଶିକ୍ଷା ଓ ନଗର ଉନ୍ନୟନ ମନ୍ତ୍ରୀ ଭାବରେ ରାଜ୍ୟର ବିକାଶରେ ମହତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ । ମୁଖ୍ୟମନ୍ତ୍ରୀ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଘୋଷଣା କରିଛନ୍ତି ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମୀର ଦେଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରି କହିଛନ୍ତି, ସେ ଓଡ଼ିଶାରେ ଅଭ୍ୟୁଦୟର କେନ୍ଦ୍ରବିନ୍ଦୁ ଭାବେ କଟକ ସହରରୁ ବି.ଜେ.ପି.ର ରାଷ୍ଟ୍ରବାଦୀ ବିଚାରକୁ ଜନପ୍ରିୟ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

ସେହିଭଳି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଜୁଏଲ୍ ଓରାମ ମଧ୍ୟ ଶୋକ ବ୍ୟକ୍ତ କରିଛନ୍ତି ।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡ଼ାଙ୍କ ସମେତ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟମାନେ ମଧ୍ୟ ଶୋକ ବ୍ୟକ୍ତ କରିଛନ୍ତି । ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓ ସାହେବ କହିଛନ୍ତି, ସ୍ୱର୍ଗତ ଦେଙ୍କ ମରଶରୀରକୁ ବିଧାନସଭାକୁ ନିଆଯିବ ଓ ସେଠାରୁ ବି.ଜେ.ପି. କାର୍ଯ୍ୟାଳୟକୁ ନିଆଯିବା ପରେ କଟକସ୍ଥିତ ପୈତୃକ ବାସଭବନକୁ ଅଣାଯିବା ପରେ କଟକ ଖାନ୍‌ନଗର ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହେବ ।

ସୂଚନା ଅନୁସାରେ ୧୯୯୫, ୨୦୦୦, ୨୦୦୪ ମସିହାରେ ସମୀର ଦେ କଟକରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ୨୦୦୦ରୁ ୨୦୦୪ ମସିହା ପର୍ଯ୍ୟନ୍ତ ନଗର ଉନ୍ନୟନ ମନ୍ତ୍ରୀ ଏବଂ ୨୦୦୪ରୁ ୨୦୦୯ ମସିହା ପର୍ଯ୍ୟନ୍ତ ସେ ଉଚ୍ଚଶିକ୍ଷା ମନ୍ତ୍ରୀ ଭାବେ କାର୍ଯ୍ୟ ତୁଲାଇଥିଲେ ।

***Cuttack/R***

# କଟକ ବାଲିଯାତ୍ରା

ସମୀର ଦେଙ୍କ ବିୟୋଗରେ ଆଜି ଦିନକପାଇଁ ବାଲିଯାତ୍ରାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ବନ୍ଦ୍ ରଖାଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି ।

***Desk***

# ମାଟ୍ରିକ୍ - ଫର୍ମ ପୂରଣ

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨୦୨୫ ମସିହା ମାଟ୍ରିକ ଓ ମୁକ୍ତ ବିଦ୍ୟାଳୟ ପରୀକ୍ଷା ନିମନ୍ତେ ଫର୍ମ ପୂରଣ ଅବଧି ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଆଜି ଫର୍ମ ପୂରଣର ଶେଷ ତାରିଖ ଥିଲା । ରେଗୁଲାର ଏବଂ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ଆସନ୍ତା ୨୫ ତାରିଖ

ପର୍ଯ୍ୟନ୍ତ ଅନଲାଇନ ମାଧ୍ୟମରେ ଫର୍ମ ପୂରଣ କରିପାରିବେ ବୋଲି ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି । ଫର୍ମ ପୂରଣ ସଂକ୍ରାନ୍ତ ସମସ୍ତ ତଥ୍ୟ ବୋର୍ଡର ଓ୍ୱେବସାଇଟ bseodisha.ac.inରେ ଉପଲବ୍ଧ ହେଉଛି।

***Desk***

## ହାତୀ ମୃତଦେହ ଉଦ୍ଧାର

ସମ୍ବଲପୁର ଜିଲ୍ଲା ନାକଟିଦେଉଳ ରେଞ୍ଜ ଅନ୍ତର୍ଭୁକ୍ତ ବୁରମାଲ ଜଙ୍ଗଲରୁ ଆଜି ତିନୋଟି ହାତୀଙ୍କର ମୃତଦେହ ଉଦ୍ଧାର କରାଯାଇଛି। ସେଥିମଧ୍ୟରେ ୨ଟି ବଡ଼ ଏବଂ ଗୋଟିଏ ହାତୀ ଶାବକ ରହିଛି। ବନବିଭାଗ ମାମଲାର ତଦନ୍ତ ଆରମ୍ଭ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଗତ କିଛିଦିନ ହେବ ନାକଟିଦେଉଳ ରେଞ୍ଜରେ ହାତୀପଲ ଚଳପ୍ରଚଳ କରୁଥିଲେ। ଏ ସମ୍ପର୍କରେ ସୂଚନା ଦେଇ ମୁଖ୍ୟ ବନସଂରକ୍ଷକ ସୁଶାନ୍ତ ନନ୍ଦ କହିଛନ୍ତି, ବାରହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ଯୋଗୁଁ ହାତୀଙ୍କର ମୃତ୍ୟୁ ହୋଇଥିବା ଆକଳନ କରାଯାଇଛି। ଶ୍ରୀ ନନ୍ଦ କହିଛନ୍ତି, ବନ୍ୟପ୍ରାଣୀ ମୁଖ୍ୟାଳୟର ଜଣେ ବରିଷ୍ଠ ଅଧିକାରୀଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ତଦନ୍ତ ରିପୋର୍ଟ ଆଧାରରେ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବନବିଭାଗ ଏବଂ ବିଦ୍ୟୁତ୍ ବିଭାଗ ମିଳିତ ଭାବେ ହାତୀସୁରକ୍ଷା ପାଇଁ କାର୍ଯ୍ୟ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି।

*Bhadrak/R*

# ଜାତିସଂଘ - ପ୍ରତିନିଧି ଦଳ

ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ଅନ୍ତର୍ଗତ ସୁନାମୀ ଓ ବାତ୍ୟାପ୍ରବଣ ସାନକୃଷ୍ଣପୁର ଗ୍ରାମକୁ ଜାତିସଂଘର ୯ ଜଣିଆ ପ୍ରତିନିଧି ଦଳ ପରିଦର୍ଶନରେ ଆସି ସ୍ଥିତି ଅନୁଧ୍ୟାନ କରିଛନ୍ତି । ରାଧିକା ବତ୍ରାଙ୍କ ନେତୃତ୍ୱରେ ଆସିଥିବା ଏହି ପ୍ରତିନିଧି ଦଳ ସାନକୃଷ୍ଣପୁର, ବଡ଼ହାବେଲୀ ସାହି, ଅଡୁଆଁ, ମୋହନପୁର ଆଦି ଗ୍ରାମ ପରିଦର୍ଶନ କରି ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ । ଏହି ପରିପ୍ରେକ୍ଷୀରେ ଏକ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଥିଲା । ପରେ ପ୍ରତିନିଧି ଦଳ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ ।

*Nayagarh, Boudh, Kalahandi, Bhadrak, Gajapati/R*

# ଜନ ଅଭିଯୋଗ ଶୁଣାଣି

ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ୍‌ରେ ଜିଲ୍ଲାପାଳ ଅକ୍ଷୟ ସୁନିଲ୍ ଅଗ୍ରୱାଲ୍‌ଙ୍କ

ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୧୩୧ଟି ଅଭିଯୋଗର ଶୁଣାଣି ହୋଇଥିଲା ।

ସେହିପରି ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ୮୨ଟି ଅଭିଯୋଗ ମଧ୍ୟରୁ ୩୧ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । କଳାହାଣ୍ଡି ଜିଲ୍ଲା କଲମ୍ପୁର ବ୍ଲକ୍‌ରେ ଅନୁଷ୍ଠିତ ଶିବିରରେ ୯୬ଟି ଅଭିଯୋଗର ତ୍ୱରିତ ସମାଧାନ କରାଯାଇଥିବାବେଳେ ଭଦ୍ରକ ଜିଲ୍ଲାରେ ଅନୁଷ୍ଠିତ ଶିବିରରେ ୬୨ଟି ଅଭିଯୋଗର ଶୁଣାଣି କରାଯାଇଛି । ୨ ଜଣ ଆବେଦନକାରୀଙ୍କୁ ରେଡ୍‌କ୍ରସ୍ ପକ୍ଷରୁ ୮ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

ଗଜପତି ଜିଲ୍ଲାର ରାୟଗଡ଼ ବ୍ଲକ୍ ଅନ୍ତର୍ଗତ ସାନତୁଣ୍ଡି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ୧୮୩ଟି ଅଭିଯୋଗର ଶୁଣାଣି କରାଯାଇଛି । ତେବେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆଜି ବନ୍ଦ୍ ରହିଥିବାବେଳେ ଆସନ୍ତା ୨୫ ତାରିଖରେ ମଧ୍ୟ ବନ୍ଦ୍ ରହିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

*****